# ସମ୍ପାଦନା ସମିତି

## ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ


ଭ୍ରାମ୍ୟଭାଷ: ୯୫୫୬୨୫୮୨୮୫, ୯୮୫୩୩୧୨୫୬୬, ୮୬୫୮୩୫୬୨୦୨, ୯୪୩୯୯୩୭୧୩୭, ୯୦୯୦୯୦୪୯୫୦

rajaswaosrfoa@gmail.com

**ପଙ୍କଜ କୁମାର ନାଥ**
ଓଡ଼ିଆ, ସଂ. ପ୍ର. ଉ. ସ୍ନାତକୋତ୍ତର,
ଶିକ୍ଷା ସ୍ନାତକ,
(ସମିତି ସଭାପତି)
ଭ୍ରା. ୯୫୫୬୨୫୮୨୮୫

**ସୌମ୍ୟରଞ୍ଜନ ପରିଡ଼ା**
ଓଡ଼ିଆ, ଗଣିତ ସ୍ନାତକୋତ୍ତର
(ସମିତି ସଦସ୍ୟ)
ଭ୍ରା. ୯୮୫୩୩୧୨୫୬୬

**ଜଗବନ୍ଧୁ ଗୌଡ଼**
ସମାଜଶାସ୍ତ୍ର ସ୍ନାତକୋତ୍ତର
(ସମିତି ସଦସ୍ୟ)
ଭ୍ରା. ୮୬୫୮୩୫୬୨୦୨

**ଅଜୟ କୁମାର ମନ୍ତ୍ରୀ**
ବିଜ୍ଞାନ ସ୍ନାତକ
(ସମିତି ସଦସ୍ୟ)
ଭ୍ରା. ୯୪୩୯୯୩୭୧୩୭

**ଶୁଭ୍ରନାରାୟଣ ଦାଶ**
ପ୍ରଦ୍ୟୋଗିକ ସ୍ନାତକ, ସଂଗଣକ ବିଜ୍ଞାନ
(ସମିତି ସଦସ୍ୟ)
ଭ୍ରା. ୯୦୯୦୯୦୪୯୫୦


# ବିଷୟ - ଲେଖା ଓ ଫୋଟଚିତ୍ର ଆବଶ୍ୟକ

ନୋଟିସ୍ ସଂଖ୍ୟା ୫ :::: ତା୩୧-୦୮-୨୦୨୫ରିଖ

**(ଶେଷ ତାରିଖ ୦୮-୧୦-୨୦୨୫)**

ଏତଦ୍ୱାରା ଓଡ଼ିଶାର ସମସ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀ ଯଥା ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତ୍ରୈବାର୍ଷିକ ସମ୍ମିଳନୀ ଉପଲକ୍ଷେ ରାଜ୍ୟ ସଂଘ ତରଫରୁ ପ୍ରକାଶିତ ହେବାକୁ ଥିବା ବାର୍ଷିକ ପତ୍ରିକା **"ରାଜସ୍ୱ"** ର ମୁଦ୍ରଣ ଏବଂ ପ୍ରକାଶନ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଏବଂ ଏଥି ନିମନ୍ତେ ସମସ୍ତ ରାଜସ୍ୱ ବିଭାଗ କ୍ଷେତ୍ର କର୍ମଚାରୀଙ୍କ ଠାରୁ ପ୍ରକାଶ ଯୋଗ୍ୟ ସରସ ସୁନ୍ଦର ଲେଖା ଆହ୍ୱାନ କରାଯାଉଛି । ଉକ୍ତ ଲେଖା ଗୁଡିକ ନିମନ୍ତେ ନିମ୍ନୋକ୍ତ ମତେ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ।

- ଲେଖା ଗୁଡିକର ଶିରୋନାମା (TITLE) ରାଜସ୍ୱ ଉପରେ ପର୍ଯ୍ୟବେସିତ ହୋଇଥିବା ଦରକାର ।
- ଆପଣମାନେ ନିଜର ଅନୁଭବ / ଅନୁଭୂତି / ଆବଶ୍ୟକତା / ସଂଘ ର ସଂଗ୍ରାମ / ସଂଘ ର ସଫଳତା ଓ ବିଫଳତା/ ସାମାଜିକ ପ୍ରତିକୂଳତା ଇତ୍ୟାଦି କବିତା, ପ୍ରବନ୍ଧ ଅବା କ୍ଷୁଦ୍ରଗଳ୍ପ ମାଧ୍ୟମରେ ପ୍ରକାଶନ ନିମନ୍ତେ ପଠାଇବେ ।
- ଆପଣଙ୍କ ଲେଖାଟିକୁ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଟାଇପ କରି **Word** ଫାଇଲ ବନେଇ ଇମେଲରେ ପଠାଇବେ ।
- ଆପଣଙ୍କ ଲେଖାରେ ଶୀର୍ଷକ ସହିତ ନିଜର ନାମ, ପାସଫୋଟୋ ସହିତ କେଉଁ ପଦବୀ ରେ ଏବଂ କେଉଁଠାରେ କାର୍ଯ୍ୟ କରୁଛନ୍ତି ଉଲ୍ଲେଖ କରିବେ ।
- ଜଣେ ସଦସ୍ୟ ଗୋଟିଏ ମାତ୍ର ଲେଖା ପଠାଇ ପାରିବେ । ଦୁଇ କିମ୍ବା ତଦୁର୍ଦ୍ଧ ଲେଖା ପଠାଇଲେ ତନ୍ମଧ୍ୟରୁ ପ୍ରକାଶନ ଉପଯୋଗୀ ଗୋଟିଏ ମାତ୍ର ଲେଖା ସମ୍ପାଦନା ସମିତି ସ୍ଥିର କରିବେ ।
- ଲେଖାଗୁଡ଼ିକୁ ସଂକ୍ଷିପ୍ତ ରଖିବାକୁ ଚେଷ୍ଟା କରିବେ । ଶବ୍ଦ ଗୁଡିକର ସର୍ବାଧିକ ମାତ୍ରା କବିତା ନିମନ୍ତେ ୮୦ – ୧୦୦, ପ୍ରବନ୍ଧ ଏବଂ ଗଳ୍ପ ନିମନ୍ତେ ୫୦୦ – ୬୦୦ ମଧ୍ୟରେ ସୀମିତ ରଖିବେ ।
- ଲେଖା ଗୁଡିକ ନିଜସ୍ୱ ତଥା ଭାବଚୌର୍ଯ୍ୟ ନହୋଇ ଥିବା ଦରକାର । କୌଣସି ପ୍ରକାର ***AI Generated***, ବ୍ଲଗ ଆଦିର ନକଲ କରି ଲେଖା ପଠାଇବେ ନାହିଁ । ସମ୍ପାଦନା ସମିତି କୁ ଯଦି ପ୍ରତୀୟମାନ ହୁଏ ଆପଣଙ୍କ ଲେଖା ଏହି ସୂଚକାଙ୍କ ଅନ୍ତର୍ଭୁକ୍ତ ତେବେ ଲେଖାଟିକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିଦିଆଯିବ । ଅଗ୍ରାହ୍ୟ ର କାରଣ ଦର୍ଶାଯିବ ନାହିଁ ।
- କୌଣସି ବି ଲେଖାରେ ଅଶାଳୀନ ତଥା ଅସଭ୍ୟ ମନ୍ତବ୍ୟ, ଶବ୍ଦ ଆଦି ବ୍ୟବହାର କରିବାରେ ବିରତ ରହିବେ ।
- ଲେଖାଟି ମୌଳିକ ଏବଂ ପୂର୍ବରୁ ପ୍ରକାଶିତ ହୋଇନଥିବା ଆବଶ୍ୟକ । ଏଥିପାଇଁ ଲେଖାର ଆରମ୍ଭ ରେ ଏକ **ସ୍ୱପ୍ରମାଣପତ୍ର** ଲେଖିଦେବେ । ଏବଂ ଜିଲ୍ଲା ର (ସଭାପତି/ସମ୍ପାଦକ/କାର୍ଯ୍ୟାଳୟ ସମ୍ପାଦକ/ଗଣମାଧ୍ୟମ ସମ୍ପାଦକ) ପଦଧାରୀ ବ୍ୟକ୍ତି ଏକ **ଅନାପତ୍ତି ପ୍ରମାଣ** ଲେଖିଦେବେ ।
- ଆପଣଙ୍କ ପ୍ରକାଶ୍ୟ ଯୋଗ୍ୟ ଲେଖା ଗୁଡିକୁ *rajaswaosrfoa@gmail.com* ଠିକଣାରେ ପଠାଇବେ । **ଅନ୍ୟ କୌଣସି ମାଧ୍ୟମ ଗ୍ରହଣୀୟ ନୁହେଁ ।**

ଏଥି ନିମନ୍ତେ ଲେଖା ପଠେଇବାର ଅନ୍ତିମ ତାରିଖ **୦୮ ଅକ୍ଟୋବର ୨୦୨୫** ଧାର୍ଯ୍ୟ କରାଯାଇଛି । ଆପଣଙ୍କ ଲେଖା ସମ୍ପାଦନା ମଣ୍ଡଳୀ ଦ୍ୱାରା ଗୃହୀତ ହେଲା ପରେ ଲେଖାର ଉତ୍କର୍ଷତା କୁ ପ୍ରାଧାନ୍ୟ ଦେଇ ମୁଦ୍ରଣ ନିମନ୍ତେ ସ୍ଥିର କରାଯିବ । ଯଦି କୌଣସି ସଦସ୍ୟଙ୍କ ଲେଖା ପ୍ରକାଶିତ ହୁଏ ନାହିଁ ତେବେ ତାହା ସଂପୂର୍ଣ୍ଣ ଭାବରେ ସମ୍ପାଦନା ମଣ୍ଡଳୀ ର ନିଜସ୍ୱ ନିଷ୍ପତ୍ତି ଏବଂ ସମିତି ଲେଖକଙ୍କ ନିକଟରେ ଉତ୍ତରଦାୟୀ ନୁହନ୍ତି ।

***ଏଥିସହିତ ରାଜ୍ୟ କାଉନସିଲ, ନିର୍ବାହୀ ପରିଷଦ, ଜିଲ୍ଲା କାଉନସିଲ୍, ବିଭିନ୍ନ ସମିତି ସଦସ୍ୟ ଓ ସଭାପତି ମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ବିଭିନ୍ନ ସମ୍ମିଳନୀ, ସରକାରଙ୍କ ସହିତ ବୈଠକ, ବିଶେଷ ମୁହୂର୍ତ୍ତର ଫୋଟ ତଥା ନିଜର ପାସପୋର୍ଟ ଫୋଟ, ଆଦି ଯଥା ଶୀଘ୍ର ଉପରୋକ୍ତ ଇ-ମେଲକୁ ପ୍ରେରଣ କରିବେ । ଜିଲ୍ଲା କିମ୍ବା ରାଜ୍ୟ ସ୍ତରର ସଦସ୍ୟ ଯଦି ଏହି ତିନି ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି ତେବେ ତାଙ୍କର ଫୋଟ ସହିତ ଉପଲବ୍ଧି ସମ୍ପୃକ୍ତ ଜିଲ୍ଲା ସଙ୍ଘ ପଠାଇବେ ।***

**ଆପଣଙ୍କର ଲେଖା ସଂଘରେ ନୂତନ ଉତ୍ସାହ, ପାଠକଙ୍କ ମନରେ ଆମ ସେବା ଜୀବନ କୁ ନେଇ ଗଭୀର ରେଖାପାତ ସୃଷ୍ଟି କରୁ ତଥା ରାଜସ୍ୱ କଳେବରରେ ଥାଇ ରାଜ୍ୟସଃ କାଳଜୟୀ ସାବ୍ୟସ୍ତ ହେଉ ।**

ସୃଷ୍ଟିର ପ୍ରତୀକ୍ଷାରେ

ସଭାପତି ସଦସ୍ୟ ସଦସ୍ୟ ସଦସ୍ୟ ସଦସ୍ୟ

ସମ୍ପାଦନା ସମିତି, ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ

**ସ୍ୱପ୍ରମାଣପତ୍ର**

ମୁଁ ........................................... ... . ......................(ନାମ)
ଜିଲ୍ଲା ............................................................(ଜିଲ୍ଲା ନାମ)
ତହସିଲ.................................................................. ରେ
(ପଦବୀ) .....................................ଭାବେ କାର୍ଯ୍ୟରତ ଅଛି ।
ନିମ୍ନ ...........................................................(ଶୀର୍ଷକ ନାମ)
ଶୀର୍ଷକ (କବିତା/ଗଳ୍ପ/ପ୍ରବନ୍ଧ) ଟି ମୋର ନିଜସ୍ୱ ମୌଳିକ ସୃଷ୍ଟି । ଏହା କୌଣସି ରୂପେ ପୂର୍ବରୁ ପ୍ରକାଶିତ ହୋଇନାହିଁ । ଯଦି ଅନ୍ୟଥା ହୋଇଥାଏ ତେବେ ଏଥିପାଇଁ ମୁଁ ସ୍ୱୟଂ ଉତ୍ତରଦାୟୀ ରହିବି ।

ସ୍ୱାକ୍ଷର

ସ୍ଥାନ............................. ତାରିଖ .............................

ମୋବାଇଲ ନମ୍ବର......................................................

**ସକ୍ରିୟ ସଦସ୍ୟ ଓ ଅନାପତ୍ତି ପ୍ରମାଣପତ୍ର**

ସୁଶ୍ରୀ/ଶ୍ରୀ/ଶ୍ରୀମତି ........ ............. ....................(ନାମ) ଆମ୍ଭ ଜିଲ୍ଲା ର ଜଣେ ସକ୍ରିୟ ସଦସ୍ୟ ଏବଂ ତାଙ୍କର ସଦସ୍ୟତା ଅଦ୍ୟ ଦିନାଙ୍କ ପର୍ଯ୍ୟନ୍ତ **ଅଦ୍ୟତନ (ସଦସ୍ୟ ଶୁଳ୍କ ବାକି ନାହିଁ ) ରହିଅଛି** । ତାଙ୍କର .......................................................(ଶୀର୍ଷକ ନାମ) ଶୀର୍ଷକ ଲେଖାଟି ପ୍ରକାଶିତ ହେବାରେ ଜିଲ୍ଲା ସଂଘ ର କୌଣସି ଆପତ୍ତି ନାହିଁ ।

ସଭାପତି/ସମ୍ପାଦକ/***କାର୍ଯ୍ୟାଳୟସମ୍ପାଦକ***/ଗଣମାଧ୍ୟମ ସମ୍ପାଦକ

, ...........................................................ଜିଲ୍ଲା ନାମ

ତାରିଖ................ ମୋବାଇଲ ସଂ...................................